Krishi Vigyan Kendra
Deogarh
Odisha University of Agriculture & Technology
Bhubaneswar

# ପ୍ରଧାନପାଟ
# Pradhanpat
କୃଷି ସମାଚାର ପତ୍ରିକା
Krushi Samachar Patrika

କୃଷି ବିଜ୍ଞାନ କେନ୍ଦ୍ର
ଦେବଗଡ଼
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

ତ୍ରୟୋଦଶ ବର୍ଷ | ଅକ୍ଟୋବର ୨୦୧୯ - ମାର୍ଚ୍ଚ ୨୦୨୦ | ଦ୍ୱିତୀୟ ସଂଖ୍ୟା


## ଜିଲ୍ଲାରେ ନୂଆ : ଚାଷୀଙ୍କ ପାଇଁ ଉପହାର



ପେଶୀ କିସମ : ଅର୍ପିତା



ସୋରିଷ କିସମ : ଉତ୍ତରା



ହଳଦୀ କିସମ : ରାଜେନ୍ଦ୍ର ସୋନିଆ

## ସଂପ୍ରସାରଣ ଅଧକ୍ଷଙ୍କ ବାର୍ତ୍ତା



ଦେବଗଡ ଜିଲ୍ଲାର ସଦର ମହକୁମାରେ ପ୍ରତିଷ୍ଠିତ କୃଷି ବିଜ୍ଞାନ କେନ୍ଦ୍ରର ନିଜସ୍ୱ ଷାଣ୍ମାସିକ ସମାଚାର ପତ୍ର 'ପ୍ରଧାନପାଟ'ର ପ୍ରକାଶନରେ ମୁଁ ଖୁବ୍ ଆନନ୍ଦିତ । ଦେବଗଡ଼ ଜିଲ୍ଲାର ଶତକଡ଼ା ବୟାନବେ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବାସ କରନ୍ତି ଏବଂ ସେମାନଙ୍କର ମୁଖ୍ୟ ଜୀବିକା ହେଲା କୃଷି; କିନ୍ତୁ ପାରମ୍ପରିକ କୃଷି ପ୍ରଣାଳୀ ଅବଲମ୍ବନ କରିବାରୁ ସେମାନଙ୍କର ଅର୍ଥନୀତି ଅତ୍ୟନ୍ତ ଦୁର୍ବଳ । ଏହି ଜିଲ୍ଲାର କୃଷି ଜଳବାୟୁ ଅଦିନିଆ ପନିପରିବା ଓ ଉଦ୍ୟାନ କୃଷି ନିମନ୍ତେ ବେଶ୍ ଉତ୍କୃଷ୍ଟ । କୃଷକମାନଙ୍କ ମନରେ ବୈଜ୍ଞାନିକ କୃଷି ପଦ୍ଧତି ପାଇଁ ସଚେତନତାର ଅଭାବ, ଏହି ସୁଯୋଗର ସଦୁପଯୋଗ ପଥରେ ମୁଖ୍ୟ ଅନ୍ତରାୟ । କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼ ଜିଲ୍ଲାର ଅଧିବାସୀମାନଙ୍କ ସ୍ଥାନୀୟ ସମ୍ବଳକୁ ଲକ୍ଷ୍ୟ କରି ବିଭିନ୍ନ ଜ୍ଞାନ କୌଶଳର ପରୀକ୍ଷଣ ଓ ସଂପ୍ରସାରଣରେ ପ୍ରଚେଷ୍ଟା ରତ । 'ପ୍ରଧାନପାଟ' ସମାଚାର ପତ୍ରର ଏହି ସଂସ୍କରଣ କେନ୍ଦ୍ରର ଗତ ଛଅମାସର କାର୍ଯ୍ୟାବଳୀର କିୟଦଂଶ ମାତ୍ର ।

ମୁଁ ଏହି ପତ୍ରିକାର ସଫଳତା କାମନା କରୁଛି ।

ପ୍ରଫେସର ଲଳିତ ମୋହନ ଗଡ଼ନାୟକ
ଅଧକ୍ଷ, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ

## ମୁଖ୍ୟ ସମ୍ପାଦକଙ୍କ କଲମରୁ...



ଦେବଗଡ ଜିଲ୍ଲାର ଅଧିବାସୀ ମୁଖ୍ୟତଃ କୃଷି, ଉଦ୍ୟାନ କୃଷି, ପଶୁ ପାଳନ ଏବଂ ଜଙ୍ଗଲଜାତ ଉତ୍ପାଦ ଉପରେ ଜୀବନ ଓ ଜୀବିକା ନିମନ୍ତେ ନିର୍ଭରଶୀଳ । ଜିଲ୍ଲାର ସମୁଦାୟ ଭୌଗୋଳିକ କ୍ଷେତ୍ରରେ ଅର୍ଦ୍ଧାଧିକ ଅଂଶ ପାହାଡ ପର୍ବତ ଦ୍ୱାରା ପରିବେଷ୍ଟିତ । ମୋଟ୍ ଚାଷ ଜମିର ମୁଖ୍ୟଭାଗ ଉଚ୍ଚ ଜମି କିସମର ଏବଂ ଦୁଇ ଅର୍ଦ୍ଧାଧିକ ଚାଷ ତୃତୀୟାଂଶ ଜମି ଅଣଜଳସେଚିତ ଓ ମୃତ୍ତିକା ଅମ୍ଳୀୟ । ଏହି ସବୁ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଜିଲ୍ଲାର କୃଷିକୁ ଆଗେଇନେବା ଜିଲ୍ଲା ପ୍ରଶାସନ ଏବଂ କୃଷିଜୀବି ମାନଙ୍କ ନିମନ୍ତେ ଏକ କଷ୍ଟକର ବ୍ୟାପାର । ଚାଷ ଜମିରେ ନୂତନ ଜ୍ଞାନକୌଶଳର ପରୀକ୍ଷଣ କରାଇ ତାକୁ ଜିଲ୍ଲାରେ ଆଦୃତ କରାଇବା ଲକ୍ଷ୍ୟରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ଦ୍ୱାରା ୨୦୦୬ ମସିହାରେ ଦେବଗଡ ଜିଲ୍ଲାର ସଦର ମହକୁମାରେ କୃଷି ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା କରାଯାଇଅଛି । କୃଷି ଓ ଆନ୍ୟାନ୍ୟ ଆନୁଷଙ୍ଗିକ କ୍ଷେତ୍ରରେ ଦେଖାଯାଉଥିବା ସମସ୍ୟାକୁ ଲକ୍ଷ୍ୟ କରି ଉଚିତ୍ ସମୟରେ ସଠିକ୍ ପଦକ୍ଷେପ ନେଇ କୃଷିକୁ ଏକ ଲାଭଜନକ ବ୍ୟବସାୟରେ ପରିଣତ କରି କୃଷକ ସମ୍ପ୍ରଦାୟଙ୍କ ଉନ୍ନତି ନିମନ୍ତେ ଏହା ବିଭିନ୍ନ ପଦକ୍ଷେପ ଗ୍ରହଣ କରିଆସୁଅଛି । ଶସ୍ୟ, ଡାଲି, ତୈଳବୀଜ, ପନିପରିବା ଏବଂ ଫଳଜାତୀୟ ଫସଲରେ ବୈଜ୍ଞାନିକ ଜ୍ଞାନକୌଶଳର ପ୍ରୟୋଗ ତଥା କ୍ଷୁଦ୍ର ଓ ନାମ ମାତ୍ର ଶ୍ରେଣୀର ଚାଷୀମାନଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ସମନ୍ୱିତ କୃଷି ପ୍ରଣାଳୀ ପଦ୍ଧତିକୁ ପ୍ରସାରିତ କରିବା ସହିତ ଏହା ଅନେକ ସ୍ୱରୋଜଗାର ମୂଳକ କାର୍ଯ୍ୟ କରିଆସୁଅଛି । ନୂତନ କିସମର ଡାଲି, ତୈଳବୀଜ, ପନିପରିବା, ଫଳ, ଫସଲରେ ମଞ୍ଜି ଓ ଚାରା ଉତ୍ପାଦନ କରି ଚାଷୀମାନଙ୍କୁ ଯୋଗାଇଦେବା, କୃଷିଜୀବି ମହିଳା ଓ ଗୃହିଣୀମାନଙ୍କୁ ଛତୁଚାଷ, ଫୁଲଚାଷ, କୁକୁଡା ଚାଷ ପରି ରେଜଗାର ପନ୍ଥା ଯୋଗାଇବାରେ ଏହି କାର୍ଯ୍ୟାଳୟ ଜିଲ୍ଲାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଅଛି । ଗତ ଛଅ ମାସର କାର୍ଯ୍ୟାବଳୀରେ ପରିପୁଷ୍ଟ ଆମର ପ୍ରଧାନପାଟ କୃଷି ସମାଚାର ପତ୍ରିକାର ଏହି ସଂସ୍କରଣ ଜିଲ୍ଲାର ସମସ୍ତ କୃଷିଜୀବି ମହିଳା, ପୁରୁଷ, କୃଷି ଅଧିକାରୀ ଓ ଅନିସନ୍ଧିତ୍ସୁଙ୍କ ପାଇଁ ନୂତନ ବାର୍ତ୍ତା ଆଣିଦେବ ଏଥିରେ ସନ୍ଦେହ ନାହିଁ ।

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ
କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼

# ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଅନୁସାରେ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ

## ଟ୍ରେଲି ମାଧ୍ୟମରେ କଲରା ଚାଷର ସଫଳ କ୍ଷେତ୍ର ପରୀକ୍ଷଣ




ଆଜିକାଲି ବଜାରରେ କଲରାର ଚାହିଦା ଦିନକୁଦିନ ବୃଦ୍ଧି ପାଉଛି । ଆମ ଜିଲ୍ଲାରେ କଲରା ଚାଷକୁ ଭୁଇଁରେ ମଡାଇବା ଓ ରାଞ୍ଜି ମାଧ୍ୟମରେ କରାଯାଉଥିବାରୁ ଏହାର ଗୁଣବତ୍ତା ଓ ଅମଳ ପ୍ରଭାବିତ ହେଉଅଛି । କଲରା ଚାଷର ଉତ୍ପାଦିକତା ବୃଦ୍ଧି, ନିରୋଗ ଓ ଉତ୍କୃଷ୍ଟ ମାନର କଲରା ଉତ୍ପାଦନ ପାଇଁ ଗତବର୍ଷ ଖରିଫ୍ ଋତୁରେ କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ ତରଫରୁ ରିଆମାଳ ବ୍ଲକ ଅନ୍ତର୍ଗତ କୀର୍ତ୍ତନପାଲି ଏବଂ ଖିଲେଇ ଗ୍ରାମରେ ଏକ କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୧୦ ଜଣ ଚାଷୀଙ୍କୁ ଟ୍ରେଲି ମାଧ୍ୟମରେ କଲରା ଚାଷ କରିବାପାଇଁ ଜି.ଆଇ ତାର ପ୍ରଦାନ କରାଯାଇଥିଲା । ଟ୍ରେଲିର ଉଚ୍ଚତା ୬ ଫୁଟ୍ ଥିବା ସମୟରେ ଏହାର ଉପରିଭାଗ ଓ ତଳଭାଗରେ ଜି.ଆଇ ତାର ବନ୍ଧାଯାଇଥିଲା । ଏହି ଦୁଇତା ର ମଧ୍ୟରେ ପ୍ରତିଟି ସ୍ଥାନକୁ ପ୍ଲାଷ୍ଟିକ୍ ସୁତା ସାହାଯ୍ୟରେ ବନ୍ଧାଯାଇଥିଲା । ଦୁଇ ଟ୍ରେଲି ମଧ୍ୟରେ ବ୍ୟବଧାନ ୧୫ ଫୁଟ୍ ମଧ୍ୟରେ ରହିଥିଲା । ରାଞ୍ଜି ମାଧ୍ୟମରେ କଲରା ଚାଷ ଅଧିକ ଶ୍ରମସାପେକ୍ଷ ଏବଂ ଫଳ ପଚିବାର ଆଶଙ୍କା ଅଧିକା ଥିଲା ଯାହା ଟ୍ରେଲି ପ୍ରଣାଳୀରେ ନିୟନ୍ତ୍ରଣ କରାଯାଇଥିଲା । ଚାଷୀ ନିଜସ୍ୱ ପଦ୍ଧତିରେ ହେକ୍ଟର ପିଛା ୨୬.୫ କ୍ୱିଣ୍ଟାଲ ଅମଳ ପାଉଥିବା ସମୟରେ ଉପଯୁକ୍ତ ଜ୍ଞାନକୌଶଳ ଅନୁସରଣ କରି ୪୦ କ୍ୱିଣ୍ଟାଲ୍ ପର୍ଯ୍ୟନ୍ତ ଅମଳ ପାଇ ପାରିଥିଲେ । ଉନ୍ନତ ମାନର କଲରା ଉତ୍ପାଦନ ଯୋଗୁଁ ବଜାର ଚାହିଦା ବୃଦ୍ଧି ପାଇବା ସହ ଚାଷୀ ଅଧିକା ଲାଭ ପାଇଥିଲେ ।

## ଟମାଟୋ ଚାଷରେ ଉତ୍ପାଦିକତା ବୃଦ୍ଧି ନିମନ୍ତେ ଖାଦ୍ୟସାରର ସଠିକ୍ ପରିଚାଳନା



ଜିଲ୍ଲାରେ ଉତ୍ପାଦିତ ଟମାଟୋ ମୁଖ୍ୟତଃ ରବି ଋତୁରେ ହିଁ ହୋଇଥାଏ । ସମୁଦାୟ ଜମିର ପ୍ରାୟ ୭୦ ଭାଗ ଅମ୍ଳୀୟ । ଅମ୍ଳମାଟିରେ ମୁଖ୍ୟତଃ କ୍ୟାଲସିୟମ୍ ଏବଂ ବୋରନ୍ ଅଣୁସାରର ଅଭାବ ପରିଲକ୍ଷିତ ହୋଇଥାଏ । ମାଟିରେ କ୍ୟାଲସିୟମ୍ ଅଭାବ କାରଣରୁ କଷି ଅବସ୍ଥାରେ ଫଳର ଏକ ପାର୍ଶ୍ୱ ସଢିବା ଆରମ୍ଭ ହୋଇଥାଏ ଏବଂ ଫଳ ଝଡିଯାଏ । ବୋରନ୍ ଅଣୁସାରର ଅଭାବରୁ ଫଳ ଫାଟିବା ଏବଂ ଫଳର ଆକାର, ବୃଦ୍ଧିରେ ସମସ୍ୟା ଦେଖାଯାଏ । ଉପରୋକ୍ତ କାରଣକୁ ଲକ୍ଷ୍ୟ ରଖି କେନ୍ଦ୍ର ତରଫରୁ କାଲ୍‌ଚିପଡାଡିହି, ବେଲୁଆମ୍ ଏବଂ ବାଙ୍କଦର୍ହ ଗ୍ରାମରେ ଏକ କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । ଏହି ପରୀକ୍ଷଣରେ ୦.୫ ପ୍ରତିଶତ କ୍ୟାଲସିୟମ କାର୍ବୋନେଟ୍ ସହିତ ଅର୍କ ଜୀବାଣୁ ସାର ୧୦ ଗ୍ରାମ ପ୍ରତି ଲିଟର ପାଣିରେ ମିଶାଇ ଫଳର କଷି ଅବସ୍ଥାରେ ପ୍ରୟୋଗ କରାଯାଇଥିଲା । ଏହାଛଡା ଉନ୍ନତ ଏବଂ ଅଧିକ ଅମଳକ୍ଷମ ଅର୍କ ସମ୍ରାଟ କିସମର ଟମାଟୋ ଚାରା ପ୍ରଦାନ କରାଯାଇଥିଲା ଫଳସ୍ୱରୁପ ଚାଷୀ ନିଜସ୍ୱ ପଦ୍ଧତିରେ ଲକ୍ଷ୍ମୀ କିସମର ବ୍ୟବହାର କରି ହେକ୍ଟର ପିଛା ୨୪୫ କ୍ୱିଣ୍ଟାଲ୍ ଅମଳ ପାଉଥିବା ସମୟରେ ଅର୍କ ସମ୍ରାଟ କିସମରେ କ୍ୟାଲସିୟମ୍ କାର୍ବୋନେଟ୍ ପ୍ରୟୋଗ କରି ହେକ୍ଟର ପିଛା ୪୩୫ କ୍ୱିଣ୍ଟାଲ୍ ଏବଂ ଅର୍କ ଜୀବାଣୁସାର ପ୍ରୟୋଗ କରି ହେକ୍ଟର ପିଛା ୪୫୫ କ୍ୱିଣ୍ଟାଲ ଅମଳ ପାଇଥିଲେ ।

## ଚିନା ବାଦାମ ଫସଲରେ ରାସାୟନିକ ପଦ୍ଧତିରେ ଘାସ ପରିଚାଳନାର ପରୀକ୍ଷଣ

ଦେବଗଡ ଜିଲ୍ଲାରେ ସମୁଦାୟ ୨୧୫୦ ହେକ୍ଟର ଜମିରେ ଉଭୟ ଖରିଫ୍ ଏବଂ ରବି ଋତୁରେ ଚାଷ କରାଯାଇଥାଏ । ମୋଟ୍ ଚିନାବାଦାମ ଜମିର ୭୦ ଭାଗ ଖରିଫ୍ ଋତୁରେ ଚାଷ କରାଯାଏ । ଘାସ ଦମନ ଖରିଫ୍ ଋତୁରେ ଚିନାବାଦାମ ଫସଲରେ ଏକ ମୁଖ୍ୟ ସମସ୍ୟା । ଘାସ ଦମନ ଠିକ୍ ସମୟରେ ନ ହେଲେ ଅମଳ ପ୍ରାୟ ୬୦ ରୁ ୭୦ ଭାଗ ହ୍ରାସ ପାଇଥାଏ । ଶ୍ରମିକଙ୍କ ଦ୍ୱାରା ହାତରେ ଘାସବଛା ବ୍ୟୟସାପେକ୍ଷ ଏବଂ ଅଧିକ ପରିଶ୍ରମ କରିବାକୁ ପଡିଥାଏ । ଉପରୋକ୍ତ ସମସ୍ୟାକୁ ଲକ୍ଷ୍ୟ ରଖି ଚଳିତ ବର୍ଷ ଖରିଫ୍ ଋତୁରେ କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ ତରଫରୁ ରାସାୟନିକ ପଦ୍ଧତିରେ ଘାସ ନିୟନ୍ତ୍ରଣ ଉପରେ ଏକ କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । ମଞ୍ଜି ବୁଣିବାର ୩-୪ ଦିନ ମଧ୍ୟରେ ଅକ୍ସିଫ୍ଲୋରୋଫେନ୍ ହେକ୍ଟର ପିଛା ୧୦୦୦ ମି.ଲି (୨ ମି.ଲି / ଲିଟର) ଏବଂ ୧୫-୧୮ ଦିନ ପରେ ଇମିଜାଥାପର ୧୦୦୦ ମିଲି ପ୍ରତିହେକ୍ଟର (୨ ମି.ଲି / ଲିଟର) ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରାଯାଇଥିଲା । ଏହା ଫଳସ୍ୱରୁପ ଚିନାବାଦାମ ଚାଷରେ ଅମଳ ହେକ୍ଟର ପିଛା ୧୦.୫ କ୍ୱିଣ୍ଟାଲରୁ ୧୩.୭ କ୍ୱିଣ୍ଟାଲକୁ ବୃଦ୍ଧି ପାଇଥିଲା ।




## କମଳାରେ ଫଳଶୋଷକ ପ୍ରଜାପତିର ପରିଚାଳନା

ଓଡ଼ିଶାରେ ଦେବଗଡ ଜିଲ୍ଲା କମଳା ଚାଷ ପାଇଁ ପ୍ରସିଦ୍ଧି ଲାଭ କରିଛି । କମଳାରେ ସମନ୍ୱିତ କୀଟ ପରିଚାଳନାର ଅଭାବରୁ ଚାଷୀମାନେ ଲାଭଜନକ ଅମଳ ପାଇପାରିନଥାନ୍ତି, ଯାହା ଫଳରେ ଆୟର ହ୍ରାସ ଘଟିଥାଏ । ବର୍ତ୍ତମାନ କମଳାଚାଷରେ ଫଳଶୋଷକ ପ୍ରଜାପତି ଏକ ମୁଖ୍ୟ ସମସ୍ୟା । ଏହା ଫଳ ପାକଳ ଅବସ୍ଥାରେ ଫଳକୁ ଶୋଷିଥାଏ ଏବଂ ପରବର୍ତ୍ତୀ ଅବସ୍ଥାରେ ଫଳଟି ସଢିକି ଝଡିଯାଏ । ଏହି ପ୍ରଜାପତି ଦ୍ୱାରା ହାରାହାରି ୩୦ ରୁ ୭୦ ପ୍ରତିଶତ ପର୍ଯ୍ୟନ୍ତ ଫଳ ଝଡିଯାଏ । ଏହି ସମସ୍ୟାର ସମାଧାନ ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ ତରଫରୁ ରିଆମାଳ ବ୍ଲକ ଅନ୍ତର୍ଗତ ଖିଲବେରିଣି, କରଡାପଶି ଗ୍ରାମରେ କମଳା ଚାଷରେ ଫଳଶୋଷକ ପ୍ରଜାପତିର ନିୟନ୍ତ୍ରଣ ପାଇଁ ସମନ୍ୱିତ କୀଟ ପରିଚାଳନା ଉପରେ ଏକ ପରୀକ୍ଷଣ କରାଯାଇଥିଲା । ଏହି ପରୀକ୍ଷଣରେ ନିମ୍ବତେଲ ୫ ମି.ଲି / ଲିଟର ପାଣିରେ ମିଶାଇ ସିଞ୍ଚନ କରିବା ସହିତ ହେକ୍ଟର ପ୍ରତି ୨୦ ଟି ବିଷାକ୍ତ ଖାଦ୍ୟଥୋପ ବ୍ୟବହାର କରାଯାଇଥିଲା । ଉପରୋକ୍ତ ଜ୍ଞାନକୌଶଳ ଅବଲମ୍ବନ କରିବା ଦ୍ୱାରା ଫଳଝଡିବା ପ୍ରାୟ ୧୫ ପ୍ରତିଶତ କମାଇ ଦିଆଯାଇ ପାରିଥିଲା ଏବଂ ଚାଷୀ ହେକ୍ଟର ପିଛା ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଲାଭ ପାଇପାରିଥିଲେ ।



## ପ୍ରତି ତିନି ବର୍ଷରେ ଥରେ ବିହନ ପରିବର୍ତ୍ତନ କରନ୍ତୁ

### ପନ୍ଦରତମ ବୈଜ୍ଞାନିକ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ




ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ତା ୧୯.୧୧.୨୦୧୯ ରିଖ ଦିନ ପନ୍ଦରତମ ବୈଜ୍ଞାନିକ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ଓଡିଶା କୃଷି ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟର ସଂପ୍ରସାରଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡଃ ମହାମାୟା ପ୍ରସାଦ ନାୟକ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଏବଂ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭିନ୍‌ସେଣ୍ଟ ପୁନମ୍‌କାନ୍ତ ଏକ୍କା ମୁଖ୍ୟ ଅତିଥି ରୂପେ ଯୋଗଦାନ କିରିଥିଲେ । ଇତ୍ୟବସରରେ କେନ୍ଦ୍ରର ୨୦୧୮-୧୯ ବର୍ଷର କାର୍ଯ୍ୟକ୍ରମର ସଫଳତା ଏବଂ ୨୦୧୯-୨୦ ବର୍ଷର କାର୍ଯ୍ୟକ୍ରମ ଖସଡା କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ କମିଟି ଆଗରେ ଉପସ୍ଥାପନ କରିଥିଲେ । ଭାରତୀୟ କୃଷି ଏବଂ ଗବେଷଣା ଅନୁସନ୍ଧାନ ପରିଷଦର ପଞ୍ଚମ ଜୋନ୍‌ର ପ୍ରମୁଖ ବୈଜ୍ଞାନିକ ଡଃ. ମଣ୍ଡଳ ଏହି ସଭାରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ଖସଡାର ସଫଳ ରୁପାୟନ ସମ୍ପର୍କରେ ଦିଗ୍‌ଦର୍ଶନ ଦେଇଥିଲେ । ଚକଡା ନିରୋଧି ଧାନ, ଉନ୍ନତମାନର ଟମାଟୋ, ଲିଚୁ, କମଳା, ତରଭୂଜ ଇତ୍ୟାଦିର ଗୁଣବତ୍ତା ବୃଦ୍ଧି ନିମନ୍ତେ ଉନ୍ନତ ଜ୍ଞାନକୌଶଳକୁ ବୈଜ୍ଞାନିକ ଭିତ୍ତିରେ କାର୍ଯ୍ୟକାରୀ ଏବଂ ପରୀକ୍ଷଣ ସମ୍ପର୍କରେ ଆଲୋଚନା କରାଯାଇଥିଲା । ନାବାର୍ଡର ସହକାରୀ ମୁଖ୍ୟ ପ୍ରବନ୍ଧକ, ଜିଲ୍ଲା କୃଷି ଉପନିର୍ଦ୍ଦେଶକ, ଜିଲ୍ଲା ଅଗ୍ରଣୀବ୍ୟାଙ୍କ ମୁଖ୍ୟ, ଜଳବିଭାଜିକା ମିଶନର ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ଓଡିଶା ଜୀବିକା ମିଶନର ଅଧିକାରୀ ତଥା ଶିଳ୍ପ, ଟସର ଚାଷ, ଜଳସେଚନ ଆଦି ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

### କିସାନ ଏବଂ ବିଜ୍ଞାନ ଦିବସ ପାଳନ




ତା ୨୫.୧୨.୨୦୧୯ ରିଖ ଜିଲ୍ଲାର ରିଆମାଳ ବ୍ଲକ ଅନ୍ତର୍ଗତ ଡେଙ୍ଗସରଗି ଗ୍ରାମରେ କିସାନ ଏବଂ ବିଜ୍ଞାନ ଦିବସ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରିଆମାଳ ବ୍ଲକର କୃଷି ଅଧିକାରୀ ଏବଂ କେନ୍ଦ୍ରର ବୈଜ୍ଞାନିକ ଗଣ ଯୋଗଦାନ କରିଥିଲେ । କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଏହି ଦିବସର ମହତ୍ତ୍ୱ, ସମାଜ ଗଠନରେ କୃଷକ ସମାଜର ଭୂମିକା, ଉନ୍ନତ ପ୍ରଣାଳୀରେ କୃଷି କାର୍ଯ୍ୟକରି କିପରି ଆୟକୁ ଦ୍ୱିଗୁଣିତ କରାଯାଇପାରିବ, ମୃତ୍ତିକା ସଂଗ୍ରହ ପଦ୍ଧତି, ସ୍ୱାସ୍ଥ୍ୟକାର୍ଡର ଉପଯୋଗିତା ସଂପର୍କରେ ବିଶେଷ ଭାବରେ ଆଲୋଚନା କିରଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାୟ ୬୦ ଜଣ ମହିଳା ଏବଂ ପୁରୁଷ ଚାଷୀଙ୍କ ସମାଗମ ହୋଇଥିଲା ।

### ଆର୍ନ୍ତଜାତିକ ମହିଳା ଦିବସ ପାଳନ

ତା ୮.୩.୨୦୧୯ ରିଖ ଦେବଗଡ ଜିଲ୍ଲାର ରିଆମାଳ ବ୍ଲକ ଅନ୍ତର୍ଗତ ଲୁଲଙ୍ଗ ଗ୍ରାମରେ ଆର୍ନ୍ତଜାତିକ ମହିଳା ଦିବସ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଲୁଲଙ୍ଗ ଗ୍ରାମ ପଞ୍ଚାୟତର ସରପଞ୍ଚ ମୁଖ୍ୟ ଅତିଥି ରୁପେ  ଯୋଗଦାନ କରିଥିଲେ । କେନ୍ଦ୍ରର ଶସ୍ୟ ସଂରକ୍ଷଣ ବୈଜ୍ଞାନିକ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଏହି ଦିବସର ପାଳନର  ଉଦ୍ଦେଶ୍ୟ, ମହତ୍ୱ ଏବଂ ବିଭିନ୍ନ  କ୍ଷେତ୍ରରେ ମହିଳା ମାନଙ୍କର ସକ୍ରିୟ ଭୂମିକା ସଂପର୍କରେ ଆଲୋଚନା କରିବା ସହ ସେମାନ କିପରି ଏଥିରୁ ଲାଭାନ୍ୱିତ ହୋଇପାରିବେ ଏହି ସଂପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମହିଳା ସୁରକ୍ଷା, ଶିଶୁ ସୁରକ୍ଷା, ବାଲ୍ୟବିବାହ, ସଫଳ ମହିଳା ଚାଷୀ, ପୋଷଣ ବଗିଚା ମାଧ୍ୟମରେ ପୁଷ୍ଟିସାଧନ ଏହି ସବୁ ସଂପର୍କରେ ପ୍ରମୁଖ ଭାବରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୦୦ ଜଣ ମହିଳା ଚାଷୀ ଅଂଶ ଗ୍ରହଣ କରିଥିଲେ ।



### ସାର୍ ପରି୍ଚାଳନା କାର୍ଯ୍ୟକ୍ରମ ଅବସର୍ରେ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା୍ର ସିଧାପ୍ରସାର୍ଣ

ତା ୨୨.୧୦.୨୦୧୯ ରିଖ ଦିନ କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟାଳୟ ପରିସରରେ ସାର ପରିଚାଳନା କାର୍ଯ୍ୟକ୍ରମ ଉପରେ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାର ସିଧାପ୍ରସାରଣ ଆୟୋଜନ କରାଯାଇଥିଲା । ଏଥିରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ମାନଙ୍କ ସହ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦାନ କରିଥିଲେ । ଜିଲ୍ଲା କୃଷି  ଅଧିକାରୀ ମୁଖ୍ୟ ଅତିଥି ରୂପେ ଅଂଶ ଗ୍ରହଣ କରିଥିଲେ । ପ୍ରାଧାନମନ୍ତ୍ରୀ ନିଜ ବାର୍ତ୍ତା ମାଧ୍ୟମରେ ଚାଷୀ ଭାଇ ଓ ଭଉଣୀମାନେ ସଠିକ୍ ଭାବରେ  ସାର ପରିଚାଳନା କରି ନିଜର ଆୟକୁ ଦ୍ୱିଗୁଣିତ କରିବା ପାଇଁ ଆହ୍ୱାନ କରିଥିଲେ । ଏହି ପରିପ୍ରେକ୍ଷୀରେ ସମବେତ ୨୫୦ ଜଣ ଚାଷୀଙ୍କ ନମନ୍ତେ କେନ୍ଦ୍ର ତରଫରୁ କୃଷକ-ବୈଜ୍ଞାନିକ ଆଲୋଚନା ଚକ୍ରର ଆୟୋଜନ କରାଯାଇଥିଲା । ଏହି ଅବସରରେ କେନ୍ଦ୍ରର ବୈଜ୍ଞାନିକ ଏବଂ ଜିଲ୍ଲା କୃଷି ଅଧିକାରୀ ପ୍ରମୁଖ ବିଭିନ୍ନ ଫସଲରେ ସାର ପରିଚାଳନା, ଜୈବିକ କୃଷିର ଉପକାରିତା, ମୃତ୍ତିକା ସଂଗ୍ରହ ପଦ୍ଧତି ଓ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ପରିଚାଳନା ସଂପର୍କରେ ବିଶଦ ଭାବରେ ଆଲୋଚନା କରିଥିଲେ ।



Pradhanpat Krushi Samachar Patrika 13 (2) : 2019-20

# ଜଳନିଧି ଯୋଜନାରେ ସୌରଶକ୍ତି ଚାଳିତ ଜଳସେଚନ ଆପଣାନ୍ତୁ

## ସଫଳତାର ଗାଥା



ଧାନ ପରେ ତୈଳବୀଜ ଦେବଗଡ ଜିଲ୍ଲାର ଏକ ମୁଖ୍ୟ ଫସଲ । ଏଠାରେ ରାଶି, ସୋରିଷ, ସୂର୍ଯ୍ୟମୁଖୀ ଏବଂ ଚିନାବାଦାମ ଇତ୍ୟାଦି ତୈଳବୀଜ ଫସଲ ଭାବେ ଚାଷ କରାଯାଇଥାଏ । ପ୍ରାୟତଃ ରବି ଋତୁରେ ଧାନ ଫସଲ ଅମଳପରେ ଅଣଜଳସେଚିତ ଜମିରେ ସୋରିଷ ଚାଷ କରାଯାଇଥାଏ । ଗତ ଦୁଇ ଦଶନ୍ଧି ଧରି ଚାଷୀମାନେ ଏମ୍-୨୭ କିସମର କମ୍ ଅମଳକ୍ଷମ ବିହନ ବ୍ୟବହାର କରି ଆସୁଛନ୍ତି । ଏହା ବ୍ୟତିତ ବୈଷୟିକ ଜ୍ଞାନକୌଶଳର ଅଭାବରୁ ଚାଷୀମାନେ ଠିକ୍ ଭାବରେ ଘାସ, ସାର ଏବଂ ରୋଗପୋକର ପରିଚାଳନା କରିପାରନ୍ତି ନାହିଁ ତେଣୁ ଅମଳ ଅପେକ୍ଷାକୃତ କମ୍ ହୋଇଯାଇଥାଏ । କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ ଦ୍ୱାରା ଏହି ପୁରୁଣା କମ୍ ଅମଳକ୍ଷମ ବିହନ ବଦଳରେ ନୂତନ ଅଧିକ ଆଦାୟ ଦେଉଥିବା ତଥା ମରୁଡି ସହଣ ଶକ୍ତି ଥିବା ସ୍ୱଳ୍ପ ଦିନିଆ ସୋରିଷ କିସମକୁ ଆଗୁଆଧାଡି କ୍ଷେତ୍ର ପ୍ରଦର୍ଶନ ମାଧ୍ୟମରେ ଦିଆଯାଇଥିଲା । ଜିଲ୍ଲା ଜଳଛାୟା ବିଭାଗର ସହାୟତାରେ ଜଳସେଚନ ସୁବିଧା ଥିବା ଅଞ୍ଚଳରେ ତଥା ଧାନପରେ ଫାଙ୍କା ପଡୁଥିବା ଜମିଗୁଡିକରେ କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ ତରଫରୁ ସୋରିଷର ନୂତନ କିସମ ଉତ୍ତରା ଚାଷୀମାନଙ୍କୁ ପ୍ରଦାନ କରାଯାଇଥିଲା । ଜିଲ୍ଲାର ତିନି ବ୍ଲକରେ ୧୨ଟି ଗ୍ରାମରେ ୩୨୫ ଏକର ଜମିରେ ଏହି କିସମ ବ୍ୟବହାର କରାଯାଇଥିଲା । ଏତତ୍ ବ୍ୟତୀତ ଅଣୁସାରର ପ୍ରୟୋଗ ଯଥା – ବୋରନ୍, ଜିଙ୍କ୍ ଓ ଫୁଲଧରିବା ସମୟରେ ଦ୍ରବୀଭୂତ ସାରର ସିଞ୍ଚନ ଏବଂ ରୋଗପୋକର ପରିଚାଳନା ସଂପର୍କରେ ଚାଷୀମାନଙ୍କୁ ଅବଗତ କରାଯାଇଥିଲା । ଏହି ନୂତନ କିସମ ଓ ଜ୍ଞାନକୌଶଳ ବ୍ୟବହାର କରି ଏକରକୁ ଅମଳ ହାରାହାରି ୧.୯୫ କ୍ୱିଣ୍ଟାଲରୁ ୨.୬୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା ଏବଂ ଏହା ଦ୍ୱାରା ମଧ୍ୟ ଆୟ ଏକରକୁ ପ୍ରାୟ ୭୫୦୦ ଟଙ୍କା ବୃଦ୍ଧି ପାଇଥିଲା । ଫୁଲ ଉଡେଇବା ଓ ଫଳ ଧରିବା ବେଳେ ସ୍ୱଳ୍ପ ଜଳସେଚନ ହେଲେ ଅମଳ ୧୦% ବୃଦ୍ଧି ପାଇପାରିବ ବୋଲି ରେକଡ କରାଯାଇଥିଲା । ଆଗାମୀ ଦିନରେ ମରୁଡି ସହଣୀ ଶକ୍ତି ଥିବା ନୂତନ ଉତ୍ତରା କିସମ ପୁରୁଣା ଏମ୍-୨୭ କିସମକୁ ପରିବର୍ତ୍ତନ କରିବ ବୋଲି ଆଶା କରାଯାଏ ।

## ଆମର ଚାଷୀ : ଆମର ଗୌରବ

### ସଫଳ ଚାଷୀ — କମଳା ଚାଷ ହୋଇଛି ବୃତ୍ତି, ଆୟର ପନ୍ଥା



### ଛତୁ ଚାଷ ସୁକୁମାରୀଙ୍କୁ ଦେଇଛି ସ୍ୱତନ୍ତ୍ର ପରିଚୟ



ଦେବଗଡ଼, ୭/୩ (ଇମିସି) : ଦୃଢ଼ ଇଚ୍ଛାଶକ୍ତି ଓ ମନୋବଳ ଯେ ସଫଳତାର ଶୀର୍ଷରେ ପହଞ୍ଚାଇ ପାରିବ ତାହା ପ୍ରମାଣିତ କରିଛନ୍ତି ଦେବଗଡ଼ ଜିଲ୍ଲା ତିଲେଇବଣି ବ୍ଲକ୍ କୈଳାସ ଗ୍ରାମର ସୁକୁମାରୀ ସାହୁ । ଛତୁ ସମେତ ବିଭିନ୍ନ ଚାଷ କରି ରୋଜଗାର କରି ନିଜର ପରିବାରକୁ ଚଳାଇବା ସହିତ ନିଜେ ସ୍ୱାବଲମ୍ବୀ ହୋଇ ପାରିଛନ୍ତି । ତାଙ୍କର ଏହି ପଦକ୍ଷେପ ସମସ୍ତ ମହିଳାଙ୍କ ପାଇଁ ପ୍ରେରଣାଦାୟକ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ସୁକୁମାରୀଙ୍କ ଶିକ୍ଷାଗତ ଯୋଗ୍ୟତା ଦଶମ । ସ୍ୱାମୀ, ପୁଅ ଓ ଝିଅକୁ ନେଇ ତାଙ୍କର ପରିବାର । ପରିବାର ପୋଷଣ ପାଇଁ ବାରମ୍ବାର ବିଭିନ୍ନ କାର୍ଯ୍ୟରେ ବିଫଳ ହେବା ପରେ ଚାଷକୁ ନିଜର ଜୀବିକା ଭାବେ ବାଛି ନେଇଛନ୍ତି । କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନଙ୍କଠାରୁ ସମସ୍ତ ଜ୍ଞାନକୌଶଳ ହାସଲ କରିବା ପରେ ସେ ନିଜସ୍ୱ ଉଦ୍ୟମରେ ଛତୁ ଚାଷ ଆରମ୍ଭ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରରେ ମିଳୁଥିବା ଉନ୍ନତମାନର ଛତୁ ବିହନ ସଂଗ୍ରହ କରି ନିଜର ପ୍ରଚେଷ୍ଟାରେ ପାଳଛତୁ ଓ ଧିଙ୍ଗିରୀ ଛତୁ ଚାଷ ଆରମ୍ଭ କରିଥିଲେ । ପାଳଛତୁ ବିକ୍ରି କରି ବାର୍ଷିକ ପ୍ରାୟ ୨୦ ହଜାର ଟଙ୍କା ଏବଂ ଧିଙ୍ଗିରୀ ଛତୁରୁ ପ୍ରାୟ ୪୦ ହଜାର ଟଙ୍କା ଆୟ କରି ସେ ଜିଲ୍ଲାରେ ଛତୁ ଚାଷରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ଛତୁ ଚାଷ ବ୍ୟତୀତ ଉନ୍ନତ ପ୍ରଜାତିର କୁକୁଡ଼ା ପାଳନ ମଧ୍ୟ କରିଛନ୍ତି । କଡ଼କନାଥ ଏବଂ ବନରାଜା କୁକୁଡ଼ା ପାଳନ କରି ବାର୍ଷିକ ପ୍ରାୟ ୩୫ ହଜାର ଟଙ୍କା ଆୟ କରୁଥିବା ସୁକୁମାରୀ ପ୍ରକାଶ କରିଛନ୍ତି । ସୋରିଷ, ସୂର୍ଯ୍ୟମୁଖୀ ଓ ଅଦା ଚାଷ ନିଜସ୍ୱ ଉଦ୍ୟମରେ ଆରମ୍ଭ କରିଛନ୍ତି । ଶସ୍ୟଜାତୀୟ ଫସଲରୁ ବାର୍ଷିକ ଆୟ ପ୍ରାୟ ୭୫ ହଜାର ଟଙ୍କା ହେଉଥିବା ସେ ପ୍ରକାଶ କରିଛନ୍ତି । ଚାଷ କରିବା ସହିତ ବର୍ତ୍ତମାନ ସେ ୱାର୍ଡ଼ମେମ୍ବର ଭାବେ କାର୍ଯ୍ୟରତ । ଜିଲ୍ଲାର ସମସ୍ତ ବିଭାଗ ପକ୍ଷରୁ ଛତୁ ସଂପର୍କିତ କର୍ମଶାଳାରେ ସୁକୁମାରୀ ଚାଷୀମାନଙ୍କୁ ତାଲିମ ପ୍ରଦାନ କରୁଛନ୍ତି । ଏପରିକି ବିଭିନ୍ନ ସମୟରେ ସେ ରାଜ୍ୟ ତଥା ଜିଲ୍ଲା ସ୍ତରରେ ପୁରସ୍କୃତ ମଧ୍ୟ ହୋଇଛନ୍ତି ।

### ସ୍ୱଳ୍ପ ଜାଗାରୁ ଅଧିକ ଆୟ, ରାସ୍ତା ଦେଖାଇଛନ୍ତି ମଞ୍ଜୁ ଅପା




ମଞ୍ଜୁ ଅପା ।

ଦେବଗଡ,୧୧।୩(ଡି.ଏନ.ଏ.)

ତିଲେଇବଣି ବ୍ଲକ ଅନ୍ତର୍ଗତ କୈଳାସ ଗ୍ରାମର ମଞ୍ଜୁ ଅପା । ପାହାଡ଼ ପର୍ବତ ଘେରା ଆଦିବାସୀ ବହୁଳ କୈଳାସ ଗ୍ରାମରେ କୃଷି ହେଉଛି ପ୍ରଧାନ ଜୀବିକା । ମୁଖ୍ୟତଃ ଜଙ୍ଗଲଜାତ ପଦାର୍ଥ ସଂଗ୍ରହ ଓ ଧାନଚାଷ ଉପରେ ଏଠାକାର ଅଧିବାସୀ ନିର୍ଭର କରନ୍ତି । ଏପରି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଉଦାହରଣ ପାଲଟନ୍ତି ମଞ୍ଜୁଲତା ସାହୁ । ବୟସ ୪୫, ଶିକ୍ଷାଗତ ଯୋଗ୍ୟତା ସପ୍ତମ ଶ୍ରେଣୀ ପାସ୍ । ସମନ୍ୱିତ କୃଷି ପ୍ରଣାଳୀରେ ଚାଷ ହୋଇଛି ତାଙ୍କର ରୋଜଗାର ମୁଖ୍ୟପନ୍ଥା । ଜଳବାୟୁ ପରିବର୍ତ୍ତନ, ସିମିତ ସମ୍ବଳ ଏବଂ କୃଷିରେ ହେଉଥିବା ବିଭିନ୍ନ ଅସୁବିଧାକୁ ଲକ୍ଷ୍ୟ କରି କୃଷି ବିଜ୍ଞାନ କେନ୍ଦ୍ର ସହାୟତାରେ ଏକ ସ୍ୱୟଂ ସମ୍ପୂର୍ଣ୍ଣ କୃଷି ପ୍ରଣାଳୀ ଆରମ୍ଭ କରିଛନ୍ତି । ଫଳରେ ଗୋଟିଏ ପ୍ରକାର ଚାଷ ହେଉଥିବା କ୍ଷତିକୁ ଅନ୍ୟ ଚାଷରେ ଭରଣା କରାଯାଇ ପାରିବ । ସମୁଦାୟ ଏ.୨.୦୫ ଡ଼ି. ଜମିରେ ଗୋଟିଏ ପୋଖରୀ ଖୋଳି ବିଭିନ୍ନ ପ୍ରକାର ମଧୁର ମାଛ ଚାଷ ସାଙ୍ଗକୁ ମାଂସ ଓ ଅଣ୍ଡା ନିମନ୍ତେ ପୋଖରୀ ପାଣି ଉପରେ କୁକୁଡ଼ା ଚାଷ କରିଛନ୍ତି । ଫଳରେ ପୋଖରୀରେ ବ୍ୟବହୃତ ହେଉଥିବା ସାର ଓ ମାଛ ଖାଦ୍ୟ ହେଉଥିବା ଖର୍ଚ୍ଚକୁ କମ୍ କରିପାରିଛନ୍ତି । କୁକୁଡ଼ା ଚାଷରୁ ବାର୍ଷିକ ୪୫,୦୦୦ ହଜାର ଟଙ୍କା ଲାଭ ପାଉଥିବାବେଳେ ପୋଖରୀ ହୁଡ଼ାରେ କଦଳୀ, ଅମୃତଭଣ୍ଡା ଗଛ ଲଗାଇ ବେଶ ରୋଜଗାର କରିପାରୁଛନ୍ତି । ସେହିପରି ଅବଶିଷ୍ଟ ଚାଷ ଜମିରେ ବର୍ଷା ଦିନିଆ ମଧ୍ୟମ କିସମ ଧାନ ଚାଷ ଓ ପରବର୍ତ୍ତି ସମୟରେ ଧାନ, ସୋରିଷ ଇତ୍ୟାଦି ଚାଷ କରି ବାର୍ଷିକ ୫୦,୦୦୦ ହଜାର ଟଙ୍କା ଲାଭ ପାଉଛନ୍ତି । ପୋଖରୀ ପାଖରେ ମଧ୍ୟ ଏକ ଦୋକାନ ଘର କରି ସେଥିରେ କୁକୁଡ଼ା, ମାଛ, ଅଣ୍ଡା ଓ ପନିପରିବା ବିକ୍ରି କରିପାରୁଛନ୍ତି । କୃଷି ବିଜ୍ଞାନ କେନ୍ଦ୍ର ଓ ଅନ୍ୟାନ୍ୟ ବିଭାଗରୁ ମିଳୁଥିବା ସହାୟତା ଦ୍ୱାରା ସେ ବାର୍ଷିକ ୧,୫୦,୦୦ରୁ ଅଧିକ ଆୟ ରୋଜଗାର କରି ନୂତନ ରାସ୍ତା ଦେଖାଇଛନ୍ତି ମଞ୍ଜୁ ଅପା ।

### ଲାଲ କରିଡର ମାଟିରୁ ଲାଲ ଟମାଟୋର ସ୍ୱାଦ

#### ୩ ଜିଲ୍ଲାର ଚାଷୀଙ୍କୁ ସମୃଦ୍ଧିର ବାଟ ବତାଇଛି ସୋଡ଼ ପଞ୍ଚାୟତ



This Newsletter is published & Owned by Sr. Scientist and Head, Krishi Vigyan Kendra, Deogarh, Pin.: 768119
e-mail: kvkdeogarh.ouat@gmail.com, Web : www.kvkdeogarhzpdvii.org
Printed at : Information and Communication Centre, Directorate of Extension Education, OUAT, Bhubaneswar-751003

**Editor : Chinmay Mishra**

**Chief Editor : Dr. Sujit Kumar Nath**